# ସତ୍ୟବାଣୀ

## THE VOICE OF TRUTH

Jan & Feb,
2000

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

Vol. 5 January & February, 2000 No. 1

Published every two months in Oriya Language for the Restoration of pure New Testament Christianity

**FREE!** **FREE!!** **FREE!!**

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible absolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟ ବାଣୀ

# VOICE OF TRUTH

Vol - V KAKINADA JAN-FEB.

## ଉପାସନାରେ ଯୋଗଦାନ

## ( Attending the Assemblies )

ମଣ୍ଡଳୀ ଉପାସନା ପରିତ୍ୟାଗ କରିବା ଖ୍ରୀଷ୍ଟିୟାନମାନଙ୍କ ସବୁଠାରୁ ଗୁରୁତର ଅପରାଧ । ଖ୍ରୀଷ୍ଟିୟାନ ଭାଇମାନଙ୍କ ସହଭାଗିତା ଉପେକ୍ଷା କରିବା ବ୍ୟକ୍ତି କିପରି ପ୍ରଭୁଙ୍କ ଠାରେ ବିଶ୍ୱସ୍ତ ହୋଇ ରହିପାରିବ ? ମଣ୍ଡଳୀ ଉପାସନା ପରିତ୍ୟାଗ କରିବା ଖ୍ରୀଷ୍ଟିୟାନମାନେ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନ ଯାପନ କରିବା ଅସମ୍ଭବ ।

ଯଦିଓ ବଡ଼ଦିନ କିଅବା ଉତ୍‌ଥାନ ପର୍ବପାଳନ କରିବାରେ ବାକ୍ୟରେ ଉଲ୍ଲେଖିତ କରାଯାଏ ନାହିଁ । ଏହି ଦୁଇ ଦିନରେ ମଣ୍ଡଳୀ ଉପାସନାରେ ଯୋଗ ଦେଲେ ଯଥେଷ୍ଟ ବୋଲି ଅନେକ ମନେ କରନ୍ତି ଏତଦ୍ୱାରା ସେମାନେ ପ୍ରଭୁଙ୍କ ସନ୍ତୋଷଯୁକ୍ତ ଜୀବନ ଯାପନ କରୁଅଛନ୍ତି ବୋଲି ଭାବି ଆପଣା ଆପଣାକୁ ପ୍ରତାରଣା କରୁଅଛନ୍ତି । ଉପାସନାରେ ଯୋଗ ନ ଦେବାର ଅନେକ ଛଳନା କିର କି ସେମାନଙ୍କୁ ସନ୍ତୋଷ ଯୁକ୍ତ କରିପାରେ ? ସ[illegible] ବାଧାବିଘ୍ନ ହଟାଇ ମନୁଷ୍ୟ ସ୍ୱୀକାର୍ଯ୍ୟ ସମ୍ମାନ କରେ କିନ୍ତୁ ଉପାସନାରେ ଯୋଗ ଦେବାର ଅବହେଳା କରେ ।

'ମୁଁ ଆପଣା ଗୃହରେ ପ୍ରଭୁଙ୍କୁ ପ୍ରାର୍ଥନା କରେ ବୋଲି ମଣ୍ଡଳୀ ଉପାସନା ଯୋଗ ନ ଦେବା ଅନେକ ଖ୍ରୀଷ୍ଟିୟାନମାନେ କାରଣ ଦର୍ଶାନ୍ତି । ଏହିପରି କାରଣ ପ୍ରଭୁଙ୍କ ଗ୍ରହଣ ଯୋଗ୍ୟ ନୁହେଁ କାରଣ ସେ ଖ୍ରୀଷ୍ଟିୟାନମାନଙ୍କୁ ସପ୍ତାହର ପ୍ରଥମ ଦିନରେ ମଣ୍ଡଳୀ

ଉପାସନାରେ ଯୋଗ ଦେବା ନିମନ୍ତେ ଆଜ୍ଞା ଦେଇ ଅଛନ୍ତି । ଖ୍ରୀଷ୍ଟିୟାନମାନେ ମଣ୍ଡଳୀ ଉପାସନାରେ ଯୋଗ ଦେଇ ପ୍ରଭୁଙ୍କ ସ୍ତୁତି ଗାନ, ବାକ୍ୟଧ୍ୟାନ, ପ୍ରଭୁଭୋଜନ ପାଳନ କରନ୍ତି । ସ୍ୱଗୃହରେ ପ୍ରାର୍ଥନା କରିବା ଦ୍ୱାରା ଆମ୍ଭେମାନେ ଉପାସନାର ଏହି ସବୁ ମୁଖ୍ୟ ଅଂଶରେ ଭାଗୀ ହୋଇ ନପାରୁ । ଉପାସନାର ଅର୍ଥ କେବଳ ପ୍ରାର୍ଥନା ନୁହେଁ, ତେଣୁ କରି ମଣ୍ଡଳୀ ଉପାସନାରେ ଯୋଗ ନ ଦେଇ ଆପଣା ଗୃହରେ ପ୍ରାର୍ଥନା କରିବାରେ ଉପାସନାର ଅନ୍ୟାନ୍ୟ ଅଂଶରେ ଭାଗୀହେବାରୁ ବଞ୍ଚିତ ହୋଇଥାଉଁ । ବେଳେ ବେଳେ ଖ୍ରୀଷ୍ଟିୟାନମାନେ ଅସୁସ୍ଥତା ଯୋଗୁଁ ଉପାସନାରେ ଯୋଗ ଦେଇ ପାରନ୍ତି ନାହିଁ । ଆମ୍ଭମାନଙ୍କ ପ୍ରଭୁ ହୃଦୟର ପରୀକ୍ଷକ ଅଟନ୍ତି ।

ଉପାସନାରେ ଯୋଗ ଦେବା ବିଷୟରେ ପ୍ରଭୁ କଅଣ କହନ୍ତି ? ଏବ୍ରୀ ପୁସ୍ତକକର୍ତ୍ତାଙ୍କ ଭାଷାରେ 'ଆମ୍ଭେମାନେ ଯେଉଁ ଭରସା ସ୍ୱୀକାର କରୁଅଛୁ । ତାହା ଅଟଳ ଭାବରେ ଦୃଢ଼ କରି ଧରୁ, କାରଣ ଯେ ପ୍ରତିଜ୍ଞା କରିଅଛନ୍ତି, ସେ ବିଶ୍ୱସ୍ତ ପୁଣି ପ୍ରେମ ଓ ସତ୍କ୍ରିୟାରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର ବିଷୟରେ ମନୋଯୋଗ କରୁ । ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟ-ବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ । କାରଣ ସତ୍ୟଜ୍ଞାନ ଲାଭ କରିବା ପରେ ଯଦି ଆମ୍ଭେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ ତେବେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ । ବରଂ ବିଚାରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା ଓ ବିପକ୍ଷମାନଙ୍କ ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା ଅବଶିଷ୍ଟ ଥାଏ । ( ଏବ୍ରୀ ୧୦ : ୨୩-୨୭ )

**ଉପରୋକ୍ତ ପଦଗୁଡ଼ିକର ମୁଖ୍ୟ ଭାବ :—**

୧) ବିଶ୍ୱସ୍ତ ପ୍ରଭୁଙ୍କ ହସ୍ତ ତଳେ ବିଶ୍ୱସ୍ତ ଜୀବନ ଯାପନ କରୁ ।

୨) ପରସ୍ପରର ହିତ କାମନା କରୁ ।

୩ କେହି କେହି ମଣ୍ଡଳୀ ଉପାସନା ପରିତ୍ୟାଗ କଲାପରି ଆମ୍ଭେମାନେ ଉପାସନା ତ୍ୟାଗ ନ କରୁ ।

୪) ମଣ୍ଡଳୀ ଉପାସନାରେ ଯୋଗ ଦେବା ନିମନ୍ତେ ପରସ୍ପରକୁ ଉତ୍ସାହିତ କରୁ । ପ୍ରଭୁଙ୍କ ଦିନ ଅର୍ଥାତ୍ ଉପାସନାର ଦିନ ଉପସ୍ଥିତ ହେବା ପୂର୍ବେ ଅମ୍ଭେମାନେ ଆପଣା ଆପଣାକୁ ପ୍ରସ୍ତୁତ କରିବା ଆବଶ୍ୟକ ।

୫) ସତ୍ୟଜ୍ଞାନ ଲାଭ କରିବା ପରେ ସ୍ୱେଚ୍ଛା ପୂର୍ବକ ପାପ କଲେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ, ବରଂ ବିଗ୍ଭରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା ଓ ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା ଅବଶିଷ୍ଟ ଥାଏ । ସ୍ୱେଚ୍ଛା ପୂର୍ବକ ଉପାସନାରେ ଯୋଗ ନଦେଇ ତାହାଙ୍କ ଅନାଜ୍ଞାବହ ହୋଇ, ତାହାଙ୍କ ଆଶୀଷ ଆମ୍ଭେମାନେ କିପରି ଆଶା କରି ପାରିବା ? ନିୟମିତ ଭାବେ ଆମ୍ଭେମାନେ ମଣ୍ଡଳୀ ଉପାସନା ପରିତ୍ୟାଗ କଲେ, ଆମ୍ଭମାନଙ୍କ ଅନନ୍ତ ରୂପା ମୁକୁଟ ହରାଇବା ।

ଉପରୋକ୍ତ ବିଶ୍ଲେଷଣରୁ ଈଶ୍ୱର ଆମ୍ଭମାନଙ୍କୁ ନିୟମିତ ଭାବେ ମଣ୍ଡଳୀ ଉପାସନାରେ ଯୋଗ ଦେବା ନିମନ୍ତେ ଆଜ୍ଞା ଦେଇ ଅଛନ୍ତି ଏବଂ ପରିତ୍ୟାଗ କରିବା ଦ୍ୱାରା ଆମ୍ଭମାନେ ବିନଷ୍ଟ ହେବୁ ବୋଲି ଜାଣି ପାରିଲୁ । ମଣ୍ଡଳୀ ଉପାସନାରେ ନିୟମିତ ଭାବେ ଯୋଗ ଦେବାର ଆବଶ୍ୟକତାର କେତୋଟି କାରଣ :—

୧) ଏତଦ୍ୱାରା ଆମ୍ଭମାନେ ବାକ୍ୟଦ୍ୱାରା ତଥା ଉଦାହରଣ ଦ୍ୱାରା ଶିକ୍ଷା ପାଉ । ଏବ୍ରୀ ୧୦ : ୨୫ରେ ମଣ୍ଡଳୀ ଉପାସନା ପରିତ୍ୟାଗ ନ କରିବା ପାଇଁ ଆମ୍ଭମାନଙ୍କୁ ଚେତନା ଦିଆଯାଇ ଅଛି । ପ୍ରେରିତ ୨ : ୪୨, ୨୦ : ୭ ପଦରେ ଆଦିମ ଖ୍ରୀଷ୍ଟୟାନମାନେ ମଣ୍ଡଳୀ ଉପାସନା ନିମନ୍ତେ ଏକତ୍ରିତ ହେଉଥିଲେ ବୋଲି ପଢ଼ି ଥାଉ । ଆମ୍ଭମାନେ ତାହାଙ୍କ ଉଦାହରଣ ଅବଲମ୍ବନ କରିବା ଅତ୍ୟାବଶ୍ୟକ ।

୨) ଈଶ୍ୱର ଆତ୍ମା ହୋଇଥିବାରୁ, ତାହାଙ୍କୁ ଆତ୍ମା ଓ ସତ୍ୟରେ ଆମ୍ଭେମାନେ ମଣ୍ଡଳୀରେ ଉପାସନା କରୁ । ( ଯୋହନ ୪ : ୨୩, ୨୪ ) ।

୩) ପ୍ରଭୁଭୋଜରେ ଭାଗୀ ହେବା ନିମନ୍ତେ ପ୍ରଭୁ ଆମ୍ଭମାନଙ୍କୁ ମଣ୍ଡଳୀ ଉପାସନାରେ ଯୋଗ ଦେବା ନିମନ୍ତେ ଇଚ୍ଛା କରନ୍ତି । ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର, ସେହିପରି ଭୋଜନ ଉତ୍ତରେ ସେ ପାନପାତ୍ର ମଧ୍ୟ ଘେନି କହିଲେ ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ ତୁମ୍ଭେମାନେ ଯେତେଥର ଏଥିରୁ ପାନ କର । ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ( ୧ମ କରିନ୍ଥୀ ୧୧ : ୨୩-୨୫ ), ଉପାସନାରେ ଉପସ୍ଥିତ ନ ହୋଇ ଆମ୍ଭେମାନେ ପ୍ରଭୁଙ୍କ ଏହି ଆଜ୍ଞା କିପରି ପାଳନ କରି ପାରିବା ?

୪) କରିନ୍ଥୀ ମଣ୍ଡଳୀକୁ ପାଉଲ କହନ୍ତି, 'ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ । ଏଥି ନିମନ୍ତେ ସପ୍ତାହରେ ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । ( ୧ମ କରିନ୍ଥୀ ୧୬ : ୨ ) ଆମ୍ଭମାନଙ୍କ ଅଭିବୃଦ୍ଧି ଅନୁଯାୟୀ ଆମ୍ଭେମାନେ ସପ୍ତାହର ପ୍ରଥମ ଦିନରେ ଶ୍ରଦ୍ଧାଦେବା ନିମନ୍ତେ ଆଜ୍ଞାପିତ ହୋଇ ଅଛୁ । ମଣ୍ଡଳୀ ଉପାସନାରେ ଯୋଗ ନ ଦେଇ ଆମ୍ଭେମାନେ କିପରି ଶ୍ରଦ୍ଧା ଦେଇ ପାରିବା ?

୫) ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି । ପ୍ରଭୁଙ୍କ ଏହି ପ୍ରତିଜ୍ଞାନୁଯାୟୀ ସେ ପ୍ରତ୍ୟେକ ଉପାସନାରେ ଉପସ୍ଥିତ ଥାଆନ୍ତି । ଯେଉଁ ସଭାରେ ଦେଶର ପ୍ରଧାନମନ୍ତ୍ରୀ ଉପସ୍ଥିତ ଥାଆନ୍ତି ସେହି ସଭାରେ ଆପଣ ଉପସ୍ଥିତ ହେବାକୁ ଯେବେ ଇଚ୍ଛୁକ ତେବେ ଯେଉଁ ଉପାସନାରେ ଆମ୍ଭମାନଙ୍କ

ତ୍ରାଣକର୍ତ୍ତା ଉପସ୍ଥିତ, ସେହି ସ୍ଥାନରେ ଉପସ୍ଥିତ ହେବାନିମନ୍ତେ ଆପଣ କାହିଁକି କୁଣ୍ଠିତ ? ତ୍ରାଣକର୍ତ୍ତା ସ୍ୱୟଂ ଯୋଗଦାନ କରିବା ସଭାରେ ଆମ୍ଭେମାନେ ଅନୁପସ୍ଥିତ ରହି ତାହାଙ୍କ ସହିତ ସହଭାଗିତା କପରି ରଖି ପାରିବା ?

୬) ଖ୍ରୀଷ୍ଟିୟାନମାନେ ଏହି ଜଗତର ଆଲୋକ ଓ ଆଦର୍ଶ ଅଟନ୍ତି ଆମ୍ଭମାନଙ୍କ ପରିବାର, ବନ୍ଧୁବାନ୍ଧବ, ପ୍ରତିବାସୀମାନଙ୍କ ଅନୁକରଣ ନିମନ୍ତେ ଆମ୍ଭେମାନେ ଅନୁସରଣର ଏକ ନମୁନା । ସେମାନଙ୍କୁ ସତ୍‌ମାର୍ଗ ଦେଖାଇବା ଆମ୍ଭମାନଙ୍କ କର୍ତ୍ତବ୍ୟ । ଥେସଲନୀକୀୟ ଖ୍ରୀଷ୍ଟିୟାନମାନଙ୍କୁ ପାଉଲ କହନ୍ତି ପୁଣି ତୁମ୍ଭେମାନେ ବହୁ କ୍ଲେଶ ଭୋଗ ମଧ୍ୟରେ ପବିତ୍ର ଆତ୍ମାଙ୍କ ଦତ୍ତ ଆନନ୍ଦ ସହ ସେହି ବାକ୍ୟ ଗ୍ରହଣ କରି ଆମ୍ଭମାନଙ୍କୁ ଓ ପ୍ରଭୁଙ୍କର ଅନୁକାରୀ ହୋଇଥିଲେ, ଏପରିକି ତୁମ୍ଭେମାନେ ମାକିଦନିଆ ଓ ଆଖାୟା ନିବାସୀ ସମସ୍ତ ବିଶ୍ୱାସୀଙ୍କ ପ୍ରତି ଆଦର୍ଶ ସ୍ୱରୂପ ହୋଇଥିଲ । (୧ମ ଥେସ ୧ : ୬, ୭ ) । ଆମ୍ଭମାନଙ୍କୁ ଅନୁସରଣ କରିବା ଦ୍ୱାରା ସେମାନେ ପ୍ରଭୁଙ୍କ ଅନୁସରଣ କରି ପାରିବେ । ଆଦର୍ଶ ଜୀବନ କି ଆମ୍ଭେମାନେ ଯାପନ କରୁଅଛୁ ?

୭) ଆତ୍ମିକ, ସାମାଜିକ ସହଭାଗିତାର ଅଭିବୃଦ୍ଧି ନିମନ୍ତେ ଆମ୍ଭେମାନେ ମଣ୍ଡଳୀର ଉପାସନାରେ ଯୋଗ ଦେବାର ଏକ ମୁଖ୍ୟ କାରଣ । ଉପାସନାରେ ଯୋଗ ନ ଦେଇ ପରସ୍ପର କପରି ସୁଖ ଦୁଃଖର ସହଭାଗୀ ହୋଇ ପାରିବା ? କପରି ଏକକୁ ଆରେକ ଉତ୍ସାହିତ କରି ପାରିବା ? ମଣ୍ଡଳୀ ଉପାସନାରେ ଯୋଗ ନ ଦେଲେ, ସଭ୍ୟମାନେ ଏକ ପରସ୍ପର ପରିଚିତ ହେବାର, କିଅବା, ସାହାଯ୍ୟ କରିବାରେ, କିଅବା ଏକକୁ ଆରେକ ସାହାଯ୍ୟ କରିବାରେ ଅକୃତକାର୍ଯ୍ୟ ହୁଅନ୍ତି । ଅପର ପକ୍ଷରେ, ଖ୍ରୀଷ୍ଟିୟାନମାନଙ୍କ ଆତ୍ମିକ ସାମାଜିକ ଅଭିବୃଦ୍ଧି ଅନେକ ପରିମାଣରେ ମଣ୍ଡଳୀ ଉପାସନାରେ ଯୋଗ ଦେବାରେ ନିର୍ଭର କରେ । ମଣ୍ଡଳୀର ସଭ୍ୟମାନେ ନିୟମିତ

ଯେବେ ମଣ୍ଡଳୀ ଉପାସନାରେ ଯୋଗ ନ ଦେବା ପ୍ରବୃତ୍ତିରେ ସେହି ମଣ୍ଡଳୀ କ୍ରମଶଃ ଲୁପ୍ତ ପାଏ । ପାଉଲ ଓ ଅନ୍ୟ ଭାଇମାନେ ସ୍ଥାନୀୟ ମଣ୍ଡଳୀମାନଙ୍କୁ ପରାମର୍ଶ କରିବାର ବିଷୟ ଆମ୍ଭେମାନେ ନୂତନ ନିୟମରେ ପଢ଼ିଥାଉଁ । କ୍ଲେଶ ଭୋଗ ସମୟରେ ମଧ୍ୟ ମଣ୍ଡଳୀର ସଭ୍ୟମାନେ ଉପାସନାରେ ଯୋଗ ଦେବାରେ ନିବୃତ୍ତ ହେଉ ନ ଥିଲେ । ଆଜି ମଧ୍ୟ ସେହିପରି ଭାବେ ଆମ୍ଭେମାନେ ନିୟମିତ ଭାବେ ଉପାସନାରେ ଯୋଗ ଦେବା ନିତାନ୍ତ ଆବଶ୍ୟକ ।

ମଣ୍ଡଳୀ ଉପାସନାରେ ଆମ୍ଭେମାନେ କାହିଁକି ଯୋଗ ଦେବା ଆବଶ୍ୟକ ଉପରୋକ୍ତ ବାଖ୍ୟାନ ସୁସ୍ପଷ୍ଟ କରେ । ଆମ୍ଭମାନଙ୍କ ଯୋଗଦାନ କେବଳ ମାସିକ, କିଅବା ସାପ୍ତାହିକ ନ ହୋଇ, ମଣ୍ଡଳୀ ଦ୍ୱାରା ନିୟୋଜିତ ପ୍ରତ୍ୟେକ ସଭାରେ ଯୋଗ ଦେବାରେ ଆମ୍ଭେମାନେ ସଦାପ୍ରସ୍ତୁତ ଥିବା ଆବଶ୍ୟକ । ମଣ୍ଡଳୀ ଉପାସନାରେ ଯୋଗ ଦେବାର ମୂଲ୍ୟ ଜାଣିବାରେ ପ୍ରଭୁ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ । ନିୟମିତ ଓ ବିଶ୍ୱସ୍ତ ଭାବେ ମଣ୍ଡଳୀ ଉପାସନାରେ ଯୋଗ ଦେବା ଦ୍ୱାରା ଆମ୍ଭମାନେ ପ୍ରଭୁଙ୍କ ଦୃଷ୍ଟିରେ ବିଶ୍ୱସ୍ତ ଜୀବନ ଯାପନ କରି ପାରିବା ।

J. C. Choate

—o—

## ପାଷ୍ଟର କିଏ ?
## ( Who is a Pastor )

ପ୍ରେରିତ ପାଉଲ, ପିତର, ତୀମଥି ଓ ଅନ୍ୟ ଅନେକ ଏମାନେ ସମସ୍ତେ ସୁସମାଚାର ପ୍ରଚାରକ ଥିଲେ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରିବା ଓ ଶିକ୍ଷା ଦେବା ସେମାନଙ୍କ ମୁଖ୍ୟ କାର୍ଯ୍ୟଥିଲା । ଏମାନଙ୍କ ମଧ୍ୟରୁ କେହି ମଧ୍ୟ ଆପଣାକୁ ପାଷ୍ଟର ରୂପେ ପରିଚିତ କରାଇବା ଆମ୍ଭେମାନେ ବାକ୍ୟରେ ପଢ଼ି ନ ପାରୁ । 'ପାଷ୍ଟର' ବୋଲି ଏହି ପଦବୀର ଅର୍ଥ ଅନେକ ଅଜ୍ଞାତ ଅଟନ୍ତି । ମଣ୍ଡଳୀର ନେତା-ମାନଙ୍କୁ ଅନେକେ 'ପାଷ୍ଟର' ରୂପେ ପରିଚିତ କରନ୍ତି । ଈଶ୍ବରଙ୍କ ବାକ୍ୟରେ ଏହି ପଦର ଅର୍ଥ 'ପାଳକ' 'ଅଧ୍ୟକ୍ଷ' ଓ 'ବିଶପ' ବୋଲି ପ୍ରେରିତ ୨୦ : ୨୮ ; ୧ମ ପିତର ୫ : ୧-୩, ଏଫିସୀ ୪ : ୧୨ ପଦଗୁଡ଼ିକରୁ ଜାଣିପାରୁ । ସୁସମାଚାର ପ୍ରଚାରକ (Preacher) ଏବଂ ପାଷ୍ଟରଙ୍କ କାର୍ଯ୍ୟରେ ପାର୍ଥକ୍ୟ ରହିଅଛି । ପାଷ୍ଟର ଓ ଅବା ଅଧ୍ୟକ୍ଷ-ମାନେ ଆପଣା ପଲ ( ମଣ୍ଡଳୀ ସଭ୍ୟ )ମାନଙ୍କ ଆତ୍ମାର ତତ୍ତ୍ୱାବଧାରଣ କରନ୍ତି । ( ଏବ୍ରୀ ୧୩ : ୧୭ ) । ପ୍ରତ୍ୟେକ ଅଧ୍ୟକ୍ଷ ଅବା ପାଷ୍ଟର ସୁସମାଚାର ପ୍ରଚାରକ ଅଟନ୍ତି କିନ୍ତୁ ପ୍ରତ୍ୟେକ ସୁସମାଚାର ପ୍ରଚାରକ ପାଷ୍ଟର ବା ପାଳକ ନୁହନ୍ତି । ପାଷ୍ଟର, ପାଳକ, ଅଧ୍ୟକ୍ଷ, ବିଶପ ପଦ-ଗୁଡ଼ିକ ଏକ ପଦବୀର ବିଭିନ୍ନ ନାମ ।

ଅନେକେ ସୁସମାଚାର ପ୍ରଚାରକ ଆପଣା ପାଷ୍ଟର, ମୁଖ୍ୟ ପରିଚାଳକ, ଅଧ୍ୟକ୍ଷ, ବିଶପ ପ୍ରଭୃତି ପଦବୀ ଧାରଣ କରିବା ଗୌରବର ବିଷୟ ବୋଲି ମନେ କରନ୍ତି । ଏହି ପଦବୀଗୁଡ଼ିକ ଆମ୍ଭେମାନେ ବାକ୍ୟରେ ପଢ଼ି ନ ଥାଉଁ । ଆମ୍ଭମାନଙ୍କ ଜୀବନଦାତା ଯୀଶୁଖ୍ରୀଷ୍ଟଙ୍କ ବିନୁ ଆଉ କେହି ଉତ୍ତମ ମେଷପାଳକ ନାହାନ୍ତି । ଅଧ୍ୟକ୍ଷ ବା ପାଷ୍ଟରଙ୍କ ଯୋଗ୍ୟତା ବିଷୟରେ ବାଇବଲ କହେ, ଅଧ୍ୟକ୍ଷଙ୍କର ଅନିନ୍ଦନୀୟ ହେବା ଆବଶ୍ୟକ, ସେ ଅବଶ୍ୟ ଏକ ସ୍ତ୍ରୀର ସ୍ୱାମୀ, ମିତଭୋଗୀ, ସୁବୁଦ୍ଧି, ସଦାଚାରୀ, ଆତିଥ୍ୟପ୍ରିୟ ଓ ଶିକ୍ଷାଦାନରେ ନିପୁଣ ହେବେ, ମଦ୍ୟପାୟୀ କି ବିବାଦପ୍ରିୟ ନ ହୋଇ ବରଂ ମୃଦୁଶୀଳ, ନିର୍ବିରୋଧ,

ନିର୍ଲୋଭ ହେବେ ନିଜ ପରିବାରକୁ ଉତ୍ତମ ରୂପେ ଶାସନ କରିବେ, ଗାମ୍ଭୀର୍ଯ୍ୟ ସହକାରେ ଆପଣା ସନ୍ତାନମାନଙ୍କୁ ବଶୀଭୂତ କରିରଖିବେ କେହି ଯେବେ ଆପଣା ପରିବାରକୁ ଶାସନ କରିବାକୁ ଜାଣେ ନାହିଁ । ତେବେ ସେ କିପରି ଈଶ୍ବରଙ୍କ ମଣ୍ଡଳୀର ତତ୍ତ୍ଵ ନେବ ? ସେ ନୂତନ ଶିଷ୍ୟ ହୋଇ ନ ଥିବେ, କାଳେ ଅସାର ଗର୍ବୀ ହୋଇ ଶୟତାନ ସଦୃଶ ଦଣ୍ଡଗ୍ରସ୍ତ ହେବେ । ତାହାଙ୍କର ମଧ୍ୟ ବାହାର ଲୋକଙ୍କ ଠାରୁ ସୁଖ୍ୟାତି ପ୍ରାପ୍ତହେବା ଆବଶ୍ୟକ । କାଳେ ସେ ନିନ୍ଦାପାଇ ଶୟତାନର ଫାନ୍ଦରେ ପଡିବେ । (୧ମ ତୀମଥି ୩ : ୨-୭) । ଏହିସବୁ ଯୋଗ୍ୟତା ବିନୁ ଜଣେ ବ୍ୟକ୍ତି ମଣ୍ଡଳୀର ଅଧ୍ୟକ୍ଷ ବା ପାଷ୍ଟର ରୂପେ ନିଯୁକ୍ତ ହୋଇ ପାରେ ନାହିଁ । ପ୍ରେରିତ ପାଉଲଙ୍କ ତିତସଙ୍କୁ ଲେଖିଥିବା ପତ୍ରର ପ୍ରଥମ ଅଧ୍ୟାୟରେ ମଧ୍ୟ ପାଷ୍ଟରଙ୍କ ଯୋଗ୍ୟତା ବିଷୟରେ ପଢି ପାରୁ । ଖ୍ରୀଷ୍ଟଙ୍କ ମଣ୍ଡଳୀ ସମୂହରେ ଏକାଧିକ ଅଧ୍ୟକ୍ଷ ବା ପାଷ୍ଟରଙ୍କ ନିଯୁକ୍ତ କରାଯାଏ ।

ଉପରୋକ୍ତ ବାକ୍ୟଗୁଡ଼ିକରୁ ବୟସ୍କବୃଦ୍ଧ ବ୍ୟକ୍ତିମାନେ ଅଧ୍ୟକ୍ଷ ବା ପାଷ୍ଟର ପ୍ରାଚୀନ ରୂପେ ନିଯୁକ୍ତ ହୁଅନ୍ତି ବୋଲି ଜାଣିପାରୁ । ଅବିବାହିତ ଯୁବକମାନେ ପାଷ୍ଟରରୂପେ ନିଯୁକ୍ତ ହେବାକୁ ଯୋଗ୍ୟ ନୁହନ୍ତି । କାରଣ ବୟସ ଓ ଅନୁଭୂତି ଅଧ୍ୟକ୍ଷ ପଦବୀର ମୁଖ୍ୟ ଯୋଗ୍ୟତା । (୧ମ ତୀମଥି ୩ : ୧୫ ) । ପ୍ରତ୍ୟେକ ସୁସମାଚାର ପ୍ରଚାରକ ଈଶ୍ବରଙ୍କ ବାକ୍ୟ ନିରନ୍ତର ଧ୍ୟାନ କରି, ତାହାଙ୍କ ବାକ୍ୟରେ ଓ ଶିକ୍ଷାରେ ଅନୁଭୂତି ପାଇ ବୟସ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଜ୍ଞାନ ଓ ଅନୁଭୂତିରେ ବୃଦ୍ଧି ପାଇ ଅଧ୍ୟକ୍ଷ ପଦ ନିମନ୍ତେ ଯୋଗ୍ୟ ହୁଅନ୍ତି ।

ଆପଣ କି ଜଣେ ପାଷ୍ଟର ହୁଅନ୍ତି ? ଉପରେ ଲିଖିତ ଈଶ୍ବରଙ୍କ ବାକ୍ୟରେ ସୁସ୍ପଷ୍ଟ ଯୋଗ୍ୟତାଗୁଡ଼ିକ କି ଆପଣ ହାସଲ କରି ଅଛନ୍ତି ? ଯୋଗ୍ୟତା ବିନୁ ଆପଣାକୁ ପାଷ୍ଟର ରୂପେ ପରିଚିତ କରି ସେହି ପଦବୀର ଅପମାନ କରୁ ଅଛନ୍ତି ? ଆପଣା ଆପଣାକୁ ଈଶ୍ବରଙ୍କ ବାକ୍ୟଦ୍ୱାରା ମାପି ପରୀକ୍ଷା ସିଦ୍ଧ କରନ୍ତୁ ।

—FRANCIS DAVID

—o—

## ଯୀଶୁ କାହିଁକି ବାପ୍ତିଜିତ ହୋଇଥିଲେ ?
## ( Why was Jesus Baptized ? )

ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ । କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟାକରି କହିଲେ, ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋର ପ୍ରୟୋଜନ; ଆଉ ଆପଣ ମୋ ନିକଟକୁ ଆସୁଅଛନ୍ତି ? ମାତ୍ର ଯୀଶୁ ତାଙ୍କୁ ଉତ୍ତର ଦେଲେ ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ । ସେଥିରେ ସେ ତାହାଙ୍କ କଥାରେ ସମ୍ମତ ହେଲେ । ( ମାଥିଉ ୩ : ୧୩-୧୫ ) ।

ଯୀଶୁ କାହିଁକି ବାପ୍ତିଜିତ ହୋଇଥିଲେ ? ପାପ ରହିତ ଈଶ୍ୱରଙ୍କ ମେଷଶାବକଙ୍କର ପାପବିମୋଚକ ବାପ୍ତିସ୍ମର କି ଆବଶ୍ୟକତା ଥିଲା ? କାରଣ ବାପ୍ତିସ୍ମ ଆମ୍ଭମାନଙ୍କୁ ପାପରୁ ମୁକ୍ତ କରେ ବୋଲି ପ୍ରେରିତ ୨ : ୩୮ ଓ ୨୨ : ୧୬ ପଦରେ ପଢ଼ି ପାରୁ । ଖ୍ରୀଷ୍ଟ ମଧ୍ୟ ସ୍ୱର୍ଗାରୋହଣ ପୂର୍ବରୁ କହିଥିଲେ, 'ଯେ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ ( ମାର୍କ ୧୬ : ୧୬ ) ଏବଂ ପିତର କହନ୍ତି, ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳିନତାରୁ ଦୂରୀକରଣ ନୁହେଁ କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଦ୍ଧ ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି । ( ୧ମ ପିତର ୩ : ୨୧ )

ତାହାଙ୍କ ଠାରେ ପାପର ଲେଶ ମାତ୍ର ନ ଥିଲା ବୋଲି ଈଶ୍ୱରଙ୍କ ବାକ୍ୟ ଯୀଶୁଖ୍ରୀଷ୍ଟ ବିଷୟରେ ସାକ୍ଷ୍ୟ ଦିଏ । ( ୨ୟ କରିନ୍ଥୀୟ ୫ : ୧୧ ) । ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନଥିଲା । ( ୧ମ ପିତର ୨ : ୨୨ ) ତ

ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ । ( ଏବ୍ରୀ ୪ : ୧୫ ) ସେ ପାପମୋଚନ ନିମନ୍ତେ ବାପ୍ତିଜିତ ହୋଇଥିଲେ, ତେବେ ଆଜ୍ଞା ଲଙ୍ଘନକାରୀ ରୂପେ ପରିଗଣିତ ହୁଅନ୍ତେ କାରଣ, କାରଣ ଆଜ୍ଞାଲଂଘନ ହିଁ ପାପ । ( ୧ମ ଯୋହନ ୩ : ୪ ) କିନ୍ତୁ ସେ ସର୍ବଦା ପରମେଶ୍ୱରଙ୍କ ସନ୍ତୋଷଜନକ କାର୍ଯ୍ୟ କରନ୍ତି । ଯଦି ସେ ନିଜେ ପରିତ୍ରାଣ କର୍ତ୍ତା ଲୋଡ଼ନ୍ତି, ତେବେ ସେ କିପରି ଆମ୍ଭମାନଙ୍କ ତ୍ରାଣକର୍ତ୍ତା ହୋଇ ପାରିବେ ?

ତାହାଙ୍କ ବାପ୍ତିଜିତ ହେବାର ଆବଶ୍ୟକତା ବାପ୍ତିଜକ ଯୋହନଙ୍କୁ ବୁଝାଇ ଦେଇ କହିଲେ । ଏବେ ସମ୍ମତ ହୁଅ । କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କ ଉପଯୁକ୍ତ ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି । ଏପରି ଭାବ ନାହିଁ, ଲୋପ କରିବାକୁ ଆସି ନାହିଁ ବରଂ ସଫଳ କରିବାକୁ ଆସିଅଛି । ( ମାଥିଉ ୫ : ୧୭ ) ଅର୍ଥ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ।

'ଯେ ଧର୍ମାଚରଣ କରେ ସେ, ଯେପରି ଧାର୍ମିକ ଅଟନ୍ତି ସେ ସେହିପରି ଧାର୍ମିକ ଅଟେ । ( ୧ମ ଯୋହନ ୩ : ୭ ) ଧର୍ମାଚରଣ କରି ଯଦି ମନୁଷ୍ୟ ଧାର୍ମିକ ଗଣିତ ହୁଏ, ତେବେ ପ୍ରଭୁ ଯୀଶୁ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ପରିଗଣିତ ହୋଇ ପାରିଥିଲେ କି ? ଯିଶାଇୟ ଭାବବାଦୀ ଏହାର ଉତ୍ତରରେ କହନ୍ତି, ସେ ଆପଣାର ପ୍ରାଣବେଦନାର ଫଳ ଦେଖି ତୃପ୍ତ ହେବେ, ଆମ୍ଭର ଧାର୍ମିକ ଦାସ ଆପଣାର ଜ୍ଞାନ ଦ୍ୱାରା ଅନେକଙ୍କୁ ଧାର୍ମିକ କରିବେ ଓ ସେ ସେମାନଙ୍କର ଅପରାଧ ବହିବେ । ( ଯିଶାଇୟ ୫୩ : ୧୧ ) କ୍ରୁଶରେ ଯାଉଲେ ଆପଣା ମୃତ୍ୟୁ ଓ ପୁରସ୍କାର ବିଷୟରେ କହନ୍ତି 'କାରଣ ସିଦ୍ଧହେଁ ମୋହର ପ୍ରାଣ ଆତୁରତାଂଶର ତୁଳା ଯାଉଅଛି । ମୋହର ମହାପ୍ରାଣିର ସମସ୍ତ

ଉପସ୍ଥିତ । ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି । ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ି ଅଛି । ମୁଁ ବିଶ୍ୱାସ ରକ୍ଷା କରିଅଛି, ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖା ଯାଇଅଛି । ତାହା ସେହି ମହାଦିନରେ ନ୍ୟାୟବାନ ବିଚାର କର୍ତ୍ତା ପ୍ରଭୁ ମୋତେ ଦେବେ । ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେ ସମସ୍ତଙ୍କୁ ଦେବେ । ( ୨ତୀମଥି ୪ : ୭-୮ ) । ପୁନର୍ବାର ପାଉଲ ଆଥେନୀ ପ୍ରଜାଙ୍କୁ କହିଥିଲେ । କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ । ଏହିପରି ଗୋଟିଏ ଦିନ ସ୍ଥିର କରି ଅଛନ୍ତି, ( ପ୍ରେରିତ ୧୭ : ୩୧ ) ଅଧାର୍ମିକ ବ୍ୟକ୍ତିଙ୍କ ଠାରୁ ଆମ୍ଭେମାନେ କପରି ଧାର୍ମିକତାର ମୁକୁଟ ପ୍ରାପ୍ତ ହୋଇ ପାରୁ ? ପ୍ରେରିତ ଯୋହନ ଯୀଶୁଙ୍କୁ 'ଧାର୍ମିକ ଖ୍ରୀଷ୍ଟ' ବୋଲି ପରିଣତ କରନ୍ତି । ଧାର୍ମିକତା ଆବଶ୍ୟକୀୟ ଗୁଣ ପ୍ରଭୁ ଯୀଶୁଖ୍ରୀଷ୍ଟ ପୂରଣ କରି, ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ବଳି ଦାନ କଲେ ।

ଯୀଶୁଖ୍ରୀଷ୍ଟ ବାପ୍ତିଜିତ ହେବାର ୨ୟ କାରଣ ଆମ୍ଭେମାନେ ମାଥିଉ ୨୧ : ୨୩-୨୭ ପଦଗୁଡ଼ିକରେ ପଢ଼ି ପାରୁ । ଯୀଶୁ ଖ୍ରୀଷ୍ଟ ମନ୍ଦିରରେ ଶିକ୍ଷାଦେବା ସମୟରେ ପ୍ରଧାନ ଯାଜକମାନେ ଓ ପ୍ରାଚୀନ-ମାନେ ସେ କେଉଁ ଅଧିକାରରେ ଏହି ସବୁ କର୍ମ କରୁଅଛନ୍ତି ବୋଲି ପ୍ରଶ୍ନ କରିଥିଲେ । ସେମାନଙ୍କ ପ୍ରଶ୍ନର ଉତ୍ତରରେ ପ୍ରଭୁଯୀଶୁ ସେମାନେ ଫେରି ପ୍ରଶ୍ନ କରି କହିଲେ । ଯୋହନଙ୍କର ବାପ୍ତିସ୍ମ କେଉଁଠାରୁ ହୋଇଥିଲା ? ( ୨୫ ପଦ ) ଏହି ପ୍ରଶ୍ନ ସେମାନଙ୍କୁ ସେ ଆନ୍ଦୋଳିତ କରିଥିଲେ । କାରଣ ଯୋହନଙ୍କ ବାପ୍ତିସ୍ମ ଯେ ଦୈବିକ ଆଜ୍ଞା ଅକ୍ଷମ ଆପେ ପାଳନ କରି ନଥିଲେ ।

ଦୈବିକ ଯୋହନଙ୍କ ବାପ୍ତିସ୍ମରେ ଯଦି ଯୀଶୁଖ୍ରୀଷ୍ଟ ଆଜ୍ଞାବହ ହୋଇ ନଥାନ୍ତେ, ପ୍ରଧାନ ଯାଜକ ପ୍ରାଚୀନମାନେ ତାହାଙ୍କୁ ନିନ୍ଦା କରିପାରେ କାରଣ ପାଇ ପାରିଥାନ୍ତେ । ପରମେଶ୍ୱରଙ୍କ ଆଜ୍ଞା ସକଳ

ଧର୍ମମୟ (ଗୀତ ୧୧୯ : ୧୭୨) ଏବଂ ତାହା ପାଳନ କରିବାରେ ଆମ୍ଭେମାନେ ଧାର୍ମିକତା ଲାଭ କରୁ । ସେଥି ସକାଶେ ପ୍ରଭୁ ଯୀଶୁ ଧାର୍ମିକ ହୋଇଥିଲେ କାରଣ ସେ ସର୍ବଦା ପିତା ପରମେଶ୍ୱରଙ୍କ ସନ୍ତୋଷଜନକ କାର୍ଯ୍ୟ କରନ୍ତି । ( ଯୋହନ ୮ : ୨୯ ) ।

**Jason Roberts.**

—o—

## ପୁରାତନ ନିୟମର ଉଦ୍ଦେଶ୍ୟ
## ( The purposes of old Testament )

ପୁରାତନ ନିୟମର 'ମୋଶାଙ୍କ ବ୍ୟବସ୍ଥା' କେବଳ ଇସ୍ରାଏଲ ଜାତି ନିମନ୍ତେ ପ୍ରଦତ୍ତ ହୋଇଥିଲା । ଖ୍ରୀଷ୍ଟ କ୍ରୁଶରେ ହତ ହେବା ଦ୍ୱାରା ଏହି ବ୍ୟବସ୍ଥା ଲୋପ ପାଇ ଆମ୍ଭମାନଙ୍କ ପୂଅରୁ ଦୂର କରାଯାଇ ଅଛି, ( କଲସୀ ୨ : ୧୪; ଗାଲାତୀ ୩ : ୨୪-୨୫; ରୋମୀୟ ୭ : ୪, ୬ ) ପ୍ରଭୁ ଯୀଶୁ ଖ୍ରୀଷ୍ଟ ପୁରାତନ ବ୍ୟବସ୍ଥା ପରିବର୍ତ୍ତେ ଏକ ନୂତନ ବ୍ୟବସ୍ଥା ପ୍ରଦାନ କରିଅଛନ୍ତି । ( ଏବ୍ରୀ ୮ : ୭-୯; ୯ : ୧୫-୧୭ ) ଏହି ନୂତନ ବ୍ୟବସ୍ଥା ସମସ୍ତ ଦେଶ ଓ ସମସ୍ତ ଜାତି ନିମନ୍ତେ ପ୍ରଦତ୍ତ ହୋଇ ଅଛି । ( ମାଥିଉ ୨୮ : ୧୯ ) ।

ଯଦି ପୁରାତନ ନିୟମ ଲୋପ କରାଯାଇ ଅଛି, ତେବେ କାହିଁକି ନୂତନ ନିୟମରେ ଏଥିର ବାକ୍ୟ ଉଲ୍ଲେଖିତ କରାଯାଏ । ଆଧୁନିକ ମନୁଷ୍ୟ ନିମନ୍ତେ ଯଦିଓ ପୁରାତନ ବ୍ୟବସ୍ଥା ପାଳନାର୍ଥେ ନିୟମିତ ହୋଇ ନାହିଁ । ତଥାପି ପୁରାତନ ବ୍ୟବସ୍ଥା ଆମ୍ଭମାନଙ୍କୁ ଅନେକ ବିଷୟ ଜ୍ଞାନ କରାଯାଏ । ଯଥା:—

(୧) ପରମେଶ୍ୱରଙ୍କ ବିଷୟରେ :-

ପରମେଶ୍ୱର ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ବୋଲି ସାକ୍ଷ୍ୟ ଦିଏ ।
(ମାଥିଉ ୧୯ : ୪-୫)

ପୁରାତନ ଓ ନୂତନ ନିୟମର ସ୍ଥାପକକର୍ତ୍ତା ପରମେଶ୍ୱର ଅଟନ୍ତି ।
(ଏବ୍ରୀ ୮ : ୭-୯)

ଏହା ପରମେଶ୍ୱରଙ୍କ ଗୁଣ ପ୍ରକଟ କରେ ।
(୧ମ ପିତର ୩ : ୧୦-୧୨)

(୨) ପୁରାତନ ନିୟମ ଆମ୍ଭମାନଙ୍କୁ କହେ :-

ପାପର ଆରମ୍ଭ ଓ ସେଥିରେ ନିହିତ ବିନାଶର ଶକ୍ତି
(ରୋମୀୟ ୫ : ୧୨, ଯୋହନ ୩ : ୧୧-୧୨

ମନୁଷ୍ୟ ମାନେ ପାପୀ (ରୋମୀ ୩ : ୧୦ : ୨୩, ୭ : ୧୩)

ବ୍ୟବସ୍ଥା ପାଳନରେ ଧାର୍ମିକତା ପ୍ରାପ୍ତ ହୋଇ ନ ପାରେ
(ରୋମୀୟ ୭ : ୨୨, ୮ : ୪)

(୩) ପୁରାତନ ନିୟମ ଖ୍ରୀଷ୍ଟଙ୍କ ବିଷୟ କହେ :-

ଯୀଶୁଖ୍ରୀଷ୍ଟ ଜନ୍ମ ଗ୍ରହଣ କରିଥିବା ଜାତିର ଇତିହାସ ଓ ରାଜନୀତି ପରିସ୍ଥିତି ବିଷୟରେ (ଲୂକ ୨ : ୨୩-୨୪)

ଖ୍ରୀଷ୍ଟଙ୍କ ଜୀବନ ଓ ସେବା ବିଷୟରେ ଭବିଷ୍ୟବାଣୀ ପ୍ରକଟ କରେ
(ଯିଶାଇୟ ୭ : ୧୪, ମାଥିଉ ୧ : ୨୩, ମୀଖା ୫ : ୨, ମାଥିଉ ୨:୬

ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ଏହା ଯିହୁଦୀମାନଙ୍କ ପଥ ପ୍ରଦର୍ଶକ ଥିଲା (ଗାଲାତି ୩ : ୨୩-୨୫)

ଏହିଭଳି ବାଖ୍ୟାନ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ନିକଟକୁ କଢ଼ାଏ । (୨ୟ ତୀମଥି ୩ : ୧୫, ୧ମ କରିନ୍ଥୀ ୧୦ : ୭-୧୧

"ପୁଣି, ଆମ୍ଭେମାନେ ଯେପରି ଶାସ୍ତ୍ର ଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା ଭରସା ପ୍ରାପ୍ତ ହେଉ, ଏଥି ନିମନ୍ତେ ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା, ସେହିସବୁ ଆମ୍ଭମାନଙ୍କର ଶିକ୍ଷା ପାଇଁ ଲେଖା ହୋଇଅଛି ।" (ରୋମୀୟ ୧୫ : ୪)

—Royce Fredrick

## ପରିବର୍ତ୍ତିତ ଜୀବନ

ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ଏହି ଜଗତ ବାସୀ ଥିବା ସମୟରେ ତାହାଙ୍କ ସଂଲଗ୍ନରେ ଥିବା ବ୍ୟକ୍ତିମାନଙ୍କ ପରିବର୍ତ୍ତନ ହୋଇଥିଲା । ପାପୀ, ଅଯୋଗ୍ୟ, ଅଭାଗ୍ୟ ମନୁଷ୍ୟମାନଂକ ପରିବର୍ତ୍ତିତ ଜୀବନ ଅନ୍ୟମାନଙ୍କୁ ଆନ୍ଦୋଳିତ ଓ ଚମତ୍କୃତ କରିଥିଲା ।

'ଆଉ ଦେଖ, ଜକ୍ଷିୟ ନାମରେ ଜଣେ ଲୋକ ଥିଲେ, ସେ ଜଣେ ପ୍ରଧାନ କରଗ୍ରାହୀ ଓ ଧନୀ ଲୋକ । ଯୀଶୁ କିଏ, ତାହା ଦେଖିବାକୁ ସେ ଚେଷ୍ଟା କରୁଥିଲେ । କିନ୍ତୁ ଲୋକମାନଙ୍କର ଭିଡ଼ ସକାଶୁ ଦେଖି ପାରୁ ନ ଥିଲେ । କାରଣ ସେ ବାଙ୍ଗର ଥିଲେ । ଏଣୁ ସେ ଆଗକୁ ଦୌଡ଼ିଯାଇ ତାହାଙ୍କୁ ଦେଖିବା ନିମନ୍ତେ ଗୋଟିଏ ଡିମ୍ବିରି ଗଛରେ ଚଢ଼ିଲେ କାରଣ ସେହି ବାଟ ଦେଇ ଯୀଶୁଙ୍କର ଯିବାରଥିଲା ଯୀଶୁ ସେସ୍ଥାନକୁ ଆସି ଉପରକୁ ଚାହିଁ ତାଙ୍କୁ କହିଲେ, ଜକ୍ଷିୟ, ଶୀଘ୍ର ଓହ୍ଲାଇ ଆସ, କାରଣ ଆଜି ମୋତେ ଅବଶ୍ୟ ତୁମ୍ଭ ଘରେ ରହିବାକୁ ହେବ । ସେଥିରେ ସେ ଶୀଘ୍ର ଓହ୍ଲାଇ ଆସି ଆନନ୍ଦରେ ତାହାଙ୍କର ଆତିଥି ହେଲେ । ( ଲୂକ ୧୯ : ୨-୭ ) । ଜଣେ 'ପାପୀ'ର ଆତିଥ୍ୟ ସ୍ୱୀକାର କରିବା ଦେଖି ଲୋକେ ତାହାଙ୍କ ବଚସା କରିବାକୁ ଲାଗିଲେ । କରଗ୍ରାହୀମାନଙ୍କୁ ଯିହୁଦୀମାନେ 'ଅତ୍ୟାଗ୍ରହୀ' 'ଦୁର୍ନୀତିଗ୍ରସ୍ତ' ଅଯୋଗ୍ୟ ବ୍ୟକ୍ତି ରୂପେ ପରିଗଣିତ କରୁଥିଲେ । କିନ୍ତୁ ପ୍ରଭୁଯୀଶୁଙ୍କ ଉପସ୍ଥିତି ତାହାଙ୍କ ଜୀବନରେ ପରିବର୍ତ୍ତନ ଆଣିଥିଲା । ଜକ୍ଷିୟ ଠିଆ ହୋଇ ପ୍ରଭୁଙ୍କୁ କହିଲେ, ହେ ପ୍ରଭୁ, ଦେଖନ୍ତୁ, ମୋର ସମ୍ପତ୍ତିର ଅର୍ଦ୍ଧେକ ମୁଁ ଦରିଦ୍ରମାନଙ୍କୁ ଦାନ କରୁଅଛି, ଆଉ ଯଦି ଅନ୍ୟାୟରେ କାହାରଠାରୁ କିଛି ନେଇ ଥାଏ । ତେବେ ଚତୁର୍ଗୁଣରେ ତାହା ଫେରାଇ ଦେଉଅଛି ।' ( ୮ମ ପଦ ) । ଯୀଶୁଖ୍ରୀଷ୍ଟ ପାପୀ ମନୁଷ୍ୟର ହୃଦୟରେ ପରିବର୍ତ୍ତନ ଆଣନ୍ତି !

ମତ୍ସ୍ୟଜୀବୀମାନଙ୍କ ଜୀବନରେ ଯୀଶୁଖ୍ରୀଷ୍ଟ ପରିବର୍ତ୍ତନ ଆଣିଥିଲେ । ପିତର ଜଣେ ଉଦ୍‌ବେଗ ପୂର୍ଣ୍ଣ ଅଧୀର ବ୍ୟକ୍ତି ଥିଲେ । ଆଲୋଚନାର ବିନା କଥା କହିବା ତାହାଙ୍କ ବ୍ୟକ୍ତିତ୍ୱର ବିଶିଷ୍ଟ ସ୍ୱଭାବ ଥିଲା । ଖ୍ରୀଷ୍ଟଙ୍କୁ ପ୍ରଚାର କରିଥିବା ଅପରାଧରେ ପିତର ଓ ଯୋହନଙ୍କୁ ବନ୍ଦୀ କରିଥିବା ଧାର୍ମିକ ନେତାମାନେ ସେମାନଙ୍କ ସାହସ ଦେଖି ଚମତ୍କୃତ ହେଲେ । ସେମାନେ ଯେ ଅଶିକ୍ଷିତ ଓ ଅଜ୍ଞାନ ଲୋକ ଏହା ବୁଝି ଚମତ୍କୃତ ହେଲେ ପୁଣି ସେମାନେ ଯୀଶୁଙ୍କ ସାଙ୍ଗରେ ଥିଲେ ବୋଲି ସେମାନଙ୍କୁ ଚିହ୍ନିଲେ । ( ପ୍ରେରିତ ୪ : ୧୩ ) । ଅଶିକ୍ଷିତ ମତ୍ସ୍ୟଜୀବୀ କେଉଟମାନଙ୍କ ପରିବର୍ତ୍ତନ କାରଣ କିଏ ? ଯୀଶୁଙ୍କ ସହିତ ଜୀବନଯାପନ କରିଥିବା ସମୟ ତାହାଙ୍କ ଜୀବନରେ ପରିବର୍ତ୍ତନ ଆଣିଥିଲା । ତାହାଙ୍କ ଆଦର୍ଶ ତାହାଙ୍କ ଶିଷ୍ୟମାନଙ୍କ ଜୀବନରେ ଦେଖିବାକୁ ପାଇ ପାରୁ ।

ତାଡ଼ନାକାରୀ ଓ ନରଘାତକଙ୍କ ଜୀବନରେ ଯୀଶୁ ପରିବର୍ତ୍ତନ ଆଣିଥିଲେ । ଦମ୍ମେସକର ଖ୍ରୀଷ୍ଟିୟାନମାନଙ୍କୁ ବନ୍ଦୀକରି ଯିରୁଶାଲମକୁ ଆଣିବା ପାଇଁ ପାଉଲ ସେଠାର ସମାଜ ଗୃହରୁ ଅଧିକାର ପତ୍ର ମାଗି ସେମାନଙ୍କୁ ବନ୍ଦୀ ଓ ବଧ କରିବା ପାଇଁ ସେ ଯୋଜନା କରିଥିଲେ । କିନ୍ତୁ ସେ ଦମ୍ମେସକ ମାର୍ଗରେ ଯାତ୍ରା କରୁଥିବା ସମୟରେ ଆକାଶ ବାଣୀ ଶୁଣିଲେ, "ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ ? ସେ କହିଲେ, ହେ ପ୍ରଭୁ ଆପଣ କିଏ ? ଆଉ ସେ କହିଲେ, ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ, ଆମ୍ଭେ ସେହି ଯୀଶୁ ।" ( ପ୍ରେରିତ ୯ : ୪-୫ ) । ଯୀଶୁଖ୍ରୀଷ୍ଟ ସ୍ୱର ଏକ ଭୟଙ୍କର ନରଘାତକର ହୃଦୟରେ ପରିବର୍ତ୍ତନ ଆଣିଥିଲା । ହନନୀୟ ନାମକ ଅନ୍ୟ ଏକ ଶିଷ୍ୟ ଦ୍ୱାରା ସେ ବାପ୍ତିଜିତ ହୋଇ, ଖ୍ରୀଷ୍ଟଙ୍କର ସାକ୍ଷୀ ହୋଇଥିଲେ । ଯୀଶୁଖ୍ରୀଷ୍ଟଙ୍କ ସ୍ୱରରେ କେତେ ଶକ୍ତି ଅଛି ।

ଯୀଶୁ ଆପଣଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ଓ ଇଚ୍ଛୁକ ଅଟନ୍ତି । ଯଦିଓ ଆପଣ ଅନ୍ୟମାନଙ୍କ ନିମନ୍ତେ ତୁଚ୍ଛ, ଅଯୋଗ୍ୟ ଓ ନଗଣ୍ୟ ରୂପେ ପରିଗଣିତ, ଯୀଶୁଙ୍କ ସ୍ପର୍ଶ ଆପଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ । ଅଶିକ୍ଷିତ ଓ ଅଜ୍ଞାନ ଆପଣଙ୍କ ଜୀବନକୁ ସେ ବୁଦ୍ଧିମାନ ଓ ସାହସୀ କରିବାରେ ସର୍ବଶକ୍ତିମାନ ଈଶ୍ୱର ଅଟନ୍ତି । ପାଉଲଙ୍କ ସଦୃଶ୍ୟ ଆପଣଙ୍କ ଜୀବନ ନଷ୍ଟ ଉତ୍ପାତରେ ପୂର୍ଣ୍ଣ ଥିଲେ ବି, ତାହାଙ୍କ ସ୍ପର୍ଶ ଆପଣଙ୍କ ଜୀବନକୁ କୋମଳ, ଶାନ୍ତ ଓ ଉତ୍ତମ ବ୍ୟକ୍ତି ରୂପେ ପରିବର୍ତ୍ତନ କରିବାରେ ସକ୍ଷମ । ଯୀଶୁଙ୍କ ସ୍ପର୍ଶ ଆପଣଙ୍କ ଜୀବନରେ ପରିବର୍ତ୍ତନ ଆଣି ପାରିବ । ଆଜି ତାହାଙ୍କ ଆହ୍ୱାନ ଗ୍ରହଣ କରି ତାହାଙ୍କ ନିକଟବର୍ତ୍ତୀ ହେଉଁ !

K. S. Swamidass.

—o—

# THINGS THAT CAN BE PROVEN

**1 Pet. 4:11**

## INTRODUCTION :

1. All things spoken in the name of religion must be proven by the Bible.
   a. That is, if it's going to be acceptable to the Lord.
   b. Other wise, the Lord will reject it altogether.
2. There are certain things that can be proven by the Bible, and on the other hand, many things cannot be proven by it.
3. Is your religion based on the Bible or on some man ?
4. But just now please consider some things that can be Proven and some things that cannot.

## DISCUSSION :

### A. Things that can be Proven.

1. The Bible is an all sufficient guide (2Tim. 3:16,17).
2. On must obey the gospel to be saved (2Thess. 1:7-9).
3. One must be baptized to be saved (Mk. 16:16).
4. Baptism is a burial (Col. 2:12; Rom. 6:3,4).
5. One is baptized into Christ (Gal. 3:26,27).
6. Christ established but one Church (Matt. 16:18).
7. There is but one Church (Eph. 4:4).
8. The saved are added to the Church (Acts. 16:18).
9. One must be a member of the Church to be saved (Eph. 5:23).
10. The Church is important (Acts. 20:28).
11. There is but one faith (Eph. 4:5).
12. One must worship God in spirit and in truth (John 4:24).
13. Each individual is to work out his salvation (Phil. 2:12).
14. One must remain faithful to be saved (Rev. 2:10).
15. There is but one way to Heaven (John 14:6).

### B. Things that cannot be Proven.

1. Praying through (John 9:31).
2. Waiting on the spirit (Rom. 1:16).
3. Denominationalism (Rom. 16:17, 18).

4. The impossibility of apostasy (Gal. 5:4).
5. Worship as you please (1Cor. 11).
6. Faith only (James 2:24).
7. Baptism won't save (1Cor. 15:58).
8. One Church is as good as another (Rom. 16:16).
9. Works will not save (1Cor. 15:58).
10. The name is not important (Acts. 4:12).

**CONCLUSION :**

1. Stand on the truth and you will stand with the Lord.
2. To follow the opinions of men is but to be lost.
3. Give thought to these matters and accept the Lord's way.

**- J. C. Choate.**

---

**From**
**SATYA VANI**
**P.o. Box 80**
**KAKINADA - 533 001**

**Printed Book only**

**To**

(FOR PRIVATE CIRCULATION ONLY)